# REGIONAL NEWS UNIT, AIR CUTTACK

## Mid-day Bulletin (2.32 PM)

### 15 June – 2026

*************************************

## ମୁଖ୍ୟ ସମ୍ବାଦ

- ସୋମନାଥ ସ୍ୱାଭିମାନ ପର୍ବ ପାଳନ ଅବସରରେ ୧୧ଶହରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଜ୍ୟୋତିର୍ଲିଙ୍ଗ ଦର୍ଶନ ରେଳଯାତ୍ରାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ ।
- ବ୍ୟାସକବି ଫକୀରମୋହନ ସେନାପତିଙ୍କ ୧୦୮ତମ ମହାପ୍ରୟାଣ ଦିବସରେ ରାଜ୍ୟବାସୀ ଦେଲେ ଶ୍ରଦ୍ଧାଞ୍ଜଳି ।
- ବରିଷ୍ଠ ନାଗରିକମାନଙ୍କ ସମସ୍ୟା ଏବଂ ସମାଧାନକୁ ଗୁରୁତ୍ୱ ଦେଇ ଆଜି ପାଳନ କରାଯାଉଛି ବିଶ୍ୱ ବରିଷ୍ଠ ନାଗରିକ ନିର୍ଯାତନା ନିରୋଧ ସଚେତନତା ଦିବସ ।

ଏବଂ

- ବାଲେଶ୍ୱର, ରାୟଗଡ଼ା, କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ ଓ ଗଜପତି ଜିଲ୍ଲାରେ କାଳବୈଶାଖୀର ପ୍ରଭାବ ନେଇ ପାଣିପାଗ ବିଭାଗର ସୂଚନା ।

HS

# ସୋମନାଥ ସ୍ୱାଭିମାନ ପର୍ବ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ସୋମନାଥ ସ୍ୱାଭିମାନ ପର୍ବ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱରଠାରେ  ପତାକା ଦେଖାଇ ରେଳଯାତ୍ରାର ଶୁଭାରମ୍ଭ କରିଛନ୍ତି। ରାଜ୍ୟରୁ ୧୧ ଶହରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଗୁଜରାଟସ୍ଥିତ ସୋମନାଥ ଜ୍ୟୋତିର୍ଲିଙ୍ଗ ଦର୍ଶନ ପାଇଁ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଯାତ୍ରା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି,

**- V/O -**

ପବିତ୍ର ବିନ୍ଦୁସାଗରର ଜଳ, କେଦାରଗୌରୀ ମନ୍ଦିର ପ୍ରାଙ୍ଗଣର ମୃତ୍ତିକାକୁ ସଂଗ୍ରହ କରାଯାଇ ପବିତ୍ର ସୋମନାଥ ଜ୍ୟୋର୍ତିଲିଙ୍ଗରେ ସମର୍ପିତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଏକାମ୍ର ବିଧାୟକ ବାବୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

Desk

# ଏସ୍ଆଇଆର୍

ରାଜ୍ୟରେ ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ – ଏସ୍ଆଇଆର୍ ପ୍ରକ୍ରିୟାରେ ଗତକାଲି ସୁଦ୍ଧା ୩ କୋଟି ୩୦ ଲକ୍ଷ ୪୯ ହଜାର ୧୮୮ ଜଣ ଭୋଟରଙ୍କୁ ପରିଗଣନା ଫର୍ମ ବଣ୍ଟନ କରାଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ

୧ କୋଟି ୧୫ଲକ୍ଷ ୩୬ହଜାର ୫୩୭ ଭୋଟରଙ୍କର ତଥ୍ୟ କମ୍ପ୍ୟୁଟରୀକରଣ କରାଯାଇଛି। ସୁନ୍ଦରଗଡ଼ ଜିଲ୍ଲାରେ ପାଖାପାଖି ୬୩ ପ୍ରତିଶତ ଭୋଟରଙ୍କ ଫର୍ମର କମ୍ପ୍ୟୁଟରୀକରଣ ସଫଳତାର ସହ କରାଯିବା ସହିତ ୯୯ ପ୍ରତିଶତ ଭୋଟରଙ୍କୁ ପରିଗଣନା ଫର୍ମ ଦିଆଯାଇଛି। ଚଳିତ ମାସ ୨୮ ତାରିଖ ସୁଦ୍ଧା ପରିଗଣନା ଫର୍ମ ବଣ୍ଟନ, ସଂଗ୍ରହ ଏବଂ କମ୍ପ୍ୟୁଟରୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। କମ୍ପ୍ୟୁଟରୀକରଣ ପ୍ରକ୍ରିୟା ଶେଷହେବା ପରେ ଭୋଟର ତାଲିକାରୁ ମୃତ, ସ୍ଥାନାନ୍ତରିତ ହୋଇଥିବା ଭୋଟରଙ୍କ ନାମ ବାଦ୍ ଦିଆଯିବ ଏବଂ ଏହାପରେ ଏକ ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

Desk

# ଫକୀର ମୋହନଙ୍କ ମହାପ୍ରୟାଣ ଦିବସ

ବ୍ୟାସକବି ଫକୀର ମୋହନ ସେନାପତିଙ୍କର ଆଜି ହେଉଛି ୧୦୮ତମ ମହାପ୍ରୟାଣ ଦିବସ। ୧୮୪୩ ମସିହା ମକର ସଂକ୍ରାନ୍ତୀରେ ଜନ୍ମଗ୍ରହଣ କରିଥିବା ସଂକ୍ରାନ୍ତିପୁରୁଷ ଫକୀର ମୋହନ ୧୯୧୮ ମସିହା ରଜ ସଂକ୍ରାନ୍ତୀରେ ଇହଲୀଳା ସମ୍ବରଣ କରିଥିଲେ। ଓଡ଼ିଆ ଭାଷାର ସୁରକ୍ଷା ପାଇଁ ସଂଗ୍ରାମ ଏବଂ ଓଡ଼ିଆ ସାହିତ୍ୟକୁ ତାଙ୍କର ଅବଦାନ ପାଇଁ ସେ ଚିରସ୍ମରଣୀୟ ହୋଇ ରହିଛନ୍ତି। ଫକୀରମୋହନ ସେନାପତିଙ୍କୁ ଆଧୁନିକ ଓଡ଼ିଆ କଥାସାହିତ୍ୟର ଜନକ କୁହାଯାଏ। ସାଧାରଣ ଲୋକଙ୍କ ଭାଷାରେ

ଲେଖି ଓଡ଼ିଆକୁ ଏକ ସ୍ୱତନ୍ତ୍ର ପରିଚୟ ଫକୀରମୋହନ ଦେଇଥିଲେ। ଛ'ମାଣ ଆଠଗୁଣ୍ଠ ତାଙ୍କର ସବୁଠାରୁ ଲୋକପ୍ରିୟ ଉପନ୍ୟାସ। ଫକୀରମୋହନ ତାଙ୍କର ଲେଖା, ସାମ୍ବାଦିକତା ଓ ସାମାଜିକ କାର୍ଯ୍ୟକଳାପ ମାଧ୍ୟମରେ ଓଡ଼ିଆ ଭାଷାର ମର୍ଯ୍ୟାଦା ଏବଂ ସ୍ୱାଧୀନତାକୁ ଦୃଢ଼ କରିଥିଲେ। ଏହି ଅବସରରେ ଆଜି ବିଭିନ୍ନ ସ୍ଥାନରେ ସ୍ମୃତିସଭାର ଆୟୋଜନ କରାଯାଉଛି।

Desk, Khordha, DKL

## ରଜ ସଂକ୍ରାନ୍ତୀ

ତିନିଦିନିଆ ରଜ ମହୋତ୍ସବର ଦ୍ୱିତୀୟ ଦିନକୁ ଆଜି ରଜ ସଂକ୍ରାନ୍ତୀ ଭାବେ ପାଳନ କରାଯାଉଛି। ଏହି ଅବସରରେ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି। ସାମାଜିକ ଅନୁଷ୍ଠାନଗୁଡ଼ିକ ପକ୍ଷରୁ ପିଲାମାନଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଧରିତ୍ରୀ ଓ ପ୍ରକୃତିର ବନ୍ଦନାର ଏହି ମହାନ ପର୍ବ ସମସ୍ତଙ୍କ ଜୀବନକୁ ସୁଖ, ଶାନ୍ତି ଓ ପ୍ରଗତିରେ ଆଲୋକିତ କରୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରଜ ସଂକ୍ରାନ୍ତୀ ଅବସରରେ ରାଜ୍ୟବାସୀଙ୍କୁ ଶୁଭକାମନା ଜଣାଇ କହିଛନ୍ତି। ଆସନ୍ତାକାଲି ଭୂମିଦହନ ପାଳନ କରାଯିବ।

ଚଳିତବର୍ଷ ପ୍ରଥମଥର ପାଇଁ କଟକ ମହାନଗର ନିଗମ ପକ୍ଷରୁ ତିନିଦିନିଆ ରଜ ମହୋତ୍ସବ ପାଳନ କରାଯାଉଛି। "ବଦଳାଅ ନଜର, ବଦଳାଅ ପ୍ରଥା – ମଇଳା ନୁହେଁ, ମହିଳା ସମ୍ମାନର କଥା" ବାର୍ତ୍ତା ନେଇ

ବାଲିଯାତ୍ରା ତଳପଡ଼ିଆ କଟକ୍ ଇନ୍ କଟକରେ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

ଖୋର୍ଦ୍ଧା ଜିଲ୍ଲାର ବରୁଣେଇ ଓ ଭୁଷଣ୍ଡପୁରର ମା’ ଉଗ୍ରତାରାଙ୍କ ପୀଠରେ ରଜ ଉତ୍ସବ ଆଡ଼ମ୍ବର ସହକାରେ ପାଳିତ ହେଉଛି । ତିନିଦିନଧରି ଚାଲିବାକୁ ଥିବା ଏହି ଉତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି ।

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ରଞ୍ଜଗୋଳ ଗ୍ରାମ ଓ ଢେଙ୍କାନାଳ ସହର ବନମାଳୀପ୍ରସାଦଠାରେ ରଜ ମହୋତ୍ସବ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହେଉଛି। ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଧ୍ୟ ଆଧ୍ୟାତ୍ମିକ ପ୍ରଦର୍ଶନୀର ଆୟୋଜନ କରାଯାଇଛି ।

Ganjam, Nuapada

# ବରିଷ୍ଠ ନାଗରିକ ସୁରକ୍ଷା ଦିବସ

ବରିଷ୍ଠ ନାଗରିକଙ୍କ ବିରୋଧରେ ନିର୍ଯାତନା ଏବଂ ଅବହେଳାକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ଆଜି ବିଶ୍ୱ ବରିଷ୍ଠ ନାଗରିକ ନିର୍ଯାତନା ନିରୋଧ ସଚେତନତା ଦିବସ ପାଳନ କରାଯାଉଛି। ସମାଜରେ କ୍ରମବର୍ଦ୍ଧିଷ୍ଣୁ ବରିଷ୍ଠମାନେ ନିଃସଙ୍ଗ, ଉପେକ୍ଷିତ ଓ ନିର୍ଯାତିତ ହେଉଥିବା ପରିପ୍ରେକ୍ଷୀରେ ଲୋକମାନଙ୍କୁ ସଚେତନ କରାଇବା ଏବଂ ସେମାନଙ୍କର ସର୍ବାଙ୍ଗିନ ଉନ୍ନତି ପାଇଁ ୨୦୧୧ ମସିହା ଠାରୁ ଆଜିର ଦିନକୁ ଏହି ଦିବସ

ଭାବେ ପାଳନ କରାଯାଉଛି। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି- 'ସମସ୍ୟାର ସରଳ ସ୍ୱୀକୃତିକୁ ଅତିକ୍ରମ କରିବା ଏବଂ କାର୍ଯ୍ୟକ୍ଷମ, ପଦ୍ଧତିଗତ ସମାଧାନ ପାଇଁ ଗୁରୁତ୍ୱ ପ୍ରଦାନ କରିବା'। ବରିଷ୍ଠମାନଙ୍କୁ ଶାରୀରିକ, ମାନସିକ, ଭାବନାତ୍ମକ ଓ ମନସ୍ତାତ୍ତ୍ୱିକ କ୍ଷେତ୍ରରେ ଦିଆଯାଉଥିବା ନିର୍ଯାତନାକୁ ପ୍ରତିହତ କରି ସେମାନଙ୍କର ପରିବାର ଜ୍ଞାତିକୁଟୁମ୍ବ ଓ ସାମାଜିକ ମୂଲ୍ୟବୋଧରେ ବଞ୍ଚିବା ପାଇଁ ସରକାରୀ ଏବଂ ବେସରକାରୀ ସ୍ତରରେ ପ୍ରୟାସ କରାଯାଉଛି। ରାଜ୍ୟରେ ବିଭିନ୍ନ ସ୍ଥାନରେ ଏହି ଅବସରରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

ଗଞ୍ଜାମ ଜିଲ୍ଲା ଛତ୍ରପୁର ତାଲୁକ ଆଇନ ସେବା କମିଟି ପକ୍ଷରୁ ବରିଷ୍ଠ ନାଗରିକମାନଙ୍କୁ ସମ୍ମାନ ଜଣାଇବା ଏବଂ ନ୍ୟାୟ ପ୍ରଦାନ କରିବା ଉଦ୍ଦେଶ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଚାରପତି ବିଷ୍ଣୁପ୍ରିୟା ସାମନ୍ତରାୟ କାର୍ଯ୍ୟକ୍ରମରେ ଯୋଗଦେଇ ବୃଦ୍ଧାବସ୍ଥାରେ ବରିଷ୍ଠ ନାଗରିକଙ୍କୁ ପରିବାର ଓ ସମାଜରେ ସମ୍ମାନ ଓ ନ୍ୟାୟ ପ୍ରଦାନ ସମ୍ପର୍କରେ ଆଲୋଚନା କରିଥିଲେ। ସେମାନଙ୍କ ପ୍ରତି ହେଉଥିବା ଅବହେଳା, ଶାରୀରିକ ଓ ମାନସିକ ନିର୍ଯାତନା ବିରୁଦ୍ଧରେ ସଚେତନ କରିବା ଏବଂ ବରିଷ୍ଠ ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ସମ୍ପର୍କରେ ବକ୍ତାମାନେ ଆଲୋଚନା କରିଥିଲେ।

ନୂଆପଡ଼ା ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ବୟସ୍କ ନାଗରିକ ଦୁର୍ବ୍ୟବହାର ସଚେତନ ଦିବସ କୋମନାଠାରେ ପାଳିତ ହୋଇଯାଇଛି । ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ନବନୀତ ଦାସ ଏଥିରେ ଯୋଗଦେଇ ବରିଷ୍ଠ ନାଗରିକ ସମାଜର ଜଣେ ବିଜ୍ଞ ଏବଂ ସମ୍ମାନସ୍ପଦ ବ୍ୟକ୍ତି ବୋଲି କହିଛନ୍ତି । ସେମାନଙ୍କୁ ସ୍ୱାଭିମାନ ସହ ବଞ୍ଚିବାର ଅଧିକାର ଆଇନରେ ରହିଛି ଏବଂ ଏହାକୁ ପାଳନ କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ ବୋଲି କହିଛନ୍ତି ।

HS

## ବିଦ୍ୟୁତ୍‌ଚାଳିତ ଗାଡି

ରାଜ୍ୟ ସରକାର ଆଗାମୀ ଦିନରେ ବିଦ୍ୟୁତ୍‌ଚାଳିତ ବ୍ୟାଟେରୀଯାନ କ୍ରୟ କରିବେ ବୋଲି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି । ଇନ୍ଧନ ସଞ୍ଚୟ ଏବଂ ପରିବେଶ ଅନୁକୂଳ ପରିବହନ ବ୍ୟବସ୍ଥାକୁ ପ୍ରୋତ୍ସାହନ କରିବା ଲାଗି ସରକାର ପେଟ୍ରୋଲ ଓ ଡିଜେଲ ଚାଳିତ ନୂଆ ଗାଡି କିଣିବେ ନାହିଁ ବୋଲି ଶ୍ରୀ ଜେନା କହିଛନ୍ତି ।

Nabarangpur

## ଜନସମ୍ପର୍କ ପଦଯାତ୍ରା

ନବରଙ୍ଗପୁର ଜିଲ୍ଲା ଝରିଗାଁ ମଣ୍ଡଳ ଅଧିନସ୍ଥ ବିଭିନ୍ନ ପଞ୍ଚାୟତରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଧାୟକ ନରସିଂହ ଭତ୍ରା ଯୋଗଦେଇ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ

ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ କମ୍ୟୁନିଟି ହଲ, ଭୋଗ ମଣ୍ଡପ, କ୍ଲବଘର ଓ ଅତିରିକ୍ତ ଶ୍ରେଣୀଗୃହ ଆଦିର ଉଦ୍‌ଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା।

Gajapati

## ବିକାଶଧାରା ଓଡ଼ିଶାସାରା

ଗଜପତି ଜିଲ୍ଲା କାଶୀନଗର ବ୍ଲକ କାର୍ଯ୍ୟାଳୟଠାରେ ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ "ବିକାଶଧାରା ଓଡ଼ିଶାସାରା" କାର୍ଯ୍ୟକ୍ରମ ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଉନ୍ନୟନ ଅଧିକାରୀ ଡମ୍ବରୁଧର ମଲ୍ଲିକ ଏଥିରେ ଯୋଗଦେଇ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଓ ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବା ଓ ଏ ସମ୍ପର୍କରେ ସଚେତନତା ସୃଷ୍ଟି ନେଇ ଆଲୋଚନା କରିଥିଲେ। ଆସନ୍ତା ୧୮ରୁ ୨୪ ତାରିଖ ପର୍ଯ୍ୟନ୍ତ ବ୍ଲକ ଏବଂ ବିଭିନ୍ନ ପଞ୍ଚାୟତ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ।

Bolangir

## ଏକ ପେଡ୍ ମା' କେ ନାମ୍-୩.୦

ବଲାଙ୍ଗୀର ବନଖଣ୍ଡ ପକ୍ଷରୁ ଖୁଜେନପାଲିଠାରେ "ଏକ ପେଡ୍ ମା କେ ନାମ୍-୩.୦" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତିରାଜ

ତଥା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ କାର୍ଯ୍ୟକ୍ରମରେ ଯୋଗଦେଇ ପରିବେଶକୁ ସନ୍ତୁଳିତ ରଖିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ।

Desk

# ଏନ୍‌ଟିଏ-ଆଡ୍‌ମିଟ୍ କାର୍ଡ

ଏନ୍‌ଟିଏ ଦ୍ୱାରା ପରିଚାଳିତ ନିଟ୍ - ୟୁଜି ପୁନଃ ପରୀକ୍ଷାର ଆଡମିଟ୍ କାର୍ଡ ଏନ୍‌ଟିଏର ୱେବ୍‌ସାଇଟ୍‌ରେ ଉପଲବ୍ଧ ରହିଛି । ପରୀକ୍ଷାର୍ଥୀ ଜନ୍ମତାରିଖ, ଆବେଦନପତ୍ର ନମ୍ବର କିମ୍ବା ପାସ୍‌ୱାର୍ଡ ବ୍ୟବହାର କରି **neet.nta.nic.in** ରୁ ଆଡମିଟ କାର୍ଡ ଡାଉନ୍‌ଲୋଡ କରିପାରିବେ । ଆସନ୍ତା ୨୧ ତାରିଖ ଅପରାହ୍ଣ ୨ଟାରୁ ୫ଟା୧୫ ମିନିଟ୍ ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହେବ ।

Desk

# ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାକୁ ସ୍ପର୍ଶ କରିଛି। ଆସନ୍ତା ୪ ରୁ ୫ ଦିନ ମଧ୍ୟରେ ଅନ୍ୟ ଜିଲ୍ଲାଗୁଡ଼ିକୁ ମୌସୁମୀ ବାୟୁ ଅଗ୍ରସର ହେବାନେଇ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ଅନ୍ୟପକ୍ଷରେ ଚଳିତ ସପ୍ତାହ ଶେଷ ପର୍ଯ୍ୟନ୍ତ କାଳବୈଶାଖୀର ପ୍ରଭାବ ରହିବ। ବାଲେଶ୍ୱର,

ରାୟଗଡ଼ା, କେଉଁଝର, ମୟୂରଭଞ୍ଜ, କୋରାପୁଟ, ଗଜପତି ଜିଲ୍ଲାରେ ଆଜି ବିଜୁଳି, ଘଡ଼ଘଡ଼ି ସହିତ ବର୍ଷାର ସମ୍ଭାବନା ରହିଛି।